## ଇଂଲଣ୍ଡ-ୱେଷ୍ଟଇଣ୍ଡିଜ୍ ଟେଷ୍ଟ ସିରିଜ୍, ପ୍ରଥମ ମ୍ୟାଚ୍‌ରେ ଖେଳିବେନି ରୁଟ୍

# ଷ୍ଟୋକ୍ସଙ୍କୁ ନେତୃତ୍ୱ; ଇଣ୍ଡିଜ୍ ଖେଳାଳିଙ୍କ ଶାର୍ଟରେ ଲୋଗୋ

**ଲଣ୍ଡନ,୨୯।୬/ଏଜେନ୍ସି:** ଆସନ୍ତା ସପ୍ତାହରେ କରୋନା ଭୂତାଣୁ ପରବର୍ତ୍ତୀ ସମୟରେ ପ୍ରଥମ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଘରୋଇ ଇଂଲଣ୍ଡ ସହ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବାକୁ ଥିବା ବେଳେ ପ୍ରଥମ ମ୍ୟାଚ୍‌ଟି ଆସନ୍ତା ଜୁଲାଇ ୮ ତାରିଖଠାରୁ ସାଉଥାମ୍ପଟନ୍‌ର ଏଜିସ୍ ବାଉଲ୍‌ଠାରେ ଆରମ୍ଭ ହେବ। ତେବେ ଏହି ମ୍ୟାଚ୍‌ରେ ଘରୋଇ ଦଳର ନେତୃତ୍ୱ ନିୟମିତ ଅଧିନାୟକ ଜୋ ରୁଟ୍ ନେଇପାରିବେ ନାହିଁ। କାରଣ ତାଙ୍କ ପତ୍ନୀ ଗର୍ଭବତୀ ଥିବାରୁ ରୁଟ୍ ତାଙ୍କ ନିକଟରେ ରହିବେ। ତେଣୁ ତାଙ୍କ ସ୍ଥାନରେ ପ୍ରଥମ ଟେଷ୍ଟରେ ଅଲ୍‌ରାଉଣ୍ଡର୍ ବେନ୍ ଷ୍ଟୋକ୍ସ ନେବେ ବୋଲି ଜଣାପଡ଼ିଛି। ତାଙ୍କ ଅନୁପସ୍ଥିତିରେ ଷ୍ଟୋକ୍ସ ଦଳର ନେତୃତ୍ୱ ନେବା ପାଇଁ ଉପଯୁକ୍ତ ବୋଲି ରୁଟ୍ କହିଥିଲେ।

ଷ୍ଟୋକ୍ସ ଜଣେ ନାଚୁରାଲ୍ ଲିଡର୍ ଓ ସେ ଆଗାମୀ ଦିନରେ ଦଳର ନେତୃତ୍ୱ ନେଇ ଖେଳାଳି ଭାବେ ପାଇଥିବା ସଫଳତା ଦୋହରାଇପାରିବେ ବୋଲି ରୁଟ୍ ବିବିସି ସହ ଆଲୋଚନା ବେଳେ କହିଥିଲେ। ପ୍ରଥମ ଟେଷ୍ଟରୁ ରୁଟ୍ ବାଦ୍ ପଡ଼ିବା ଏକରକମ ନିଶ୍ଚିତ ଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ବି ସେ ଖେଳି ନ ପାରନ୍ତି। କାରଣ ଟିମ୍ ସହ




ଯୋଗଦେବା ପୂର୍ବରୁ ତାଙ୍କୁ ସାତ ଦିନ ପାଇଁ ସେଲ୍‌ଫ-ଆଇସୋଲେସନ୍‌ରେ ରହିବାକୁ ପଡ଼ିବ। ତେଣୁ ଉକ୍ତ ଟେଷ୍ଟରେ ବି ଷ୍ଟୋକ୍ସ ନେତୃତ୍ୱ ନେବାର ସମ୍ଭାବନା ରହିଛି।

ସେହିପରି ସାମ୍ପ୍ରତିକ ସମୟରେ ରଙ୍ଗଭେଦ ବିବାଦର ସମ୍ମୁଖୀନ ହୋଇଥିବା ନେଇ ଜଣେ ଜଣେ କ୍ରିକେଟର୍ ରହସ୍ୟ ଉଦ୍ଘାଟନ କରିଚାଲିଥିବା ବେଳେ ଆଗାମୀ ୩ ଟିକିଆ ଟେଷ୍ଟ ସିରିଜ୍‌ରେ ଭ୍ରମଣକାରୀ ଇଣ୍ଡିଜ୍ ଦଳର ଖେଳାଳିମାନେ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ମେସେଜ୍ ସମ୍ବଳିତ ଲୋଗୋ ପରିଧାନ କରିବେ ବୋଲି ଜଣାପଡ଼ିଛି। ଏହି ଲୋଗୋ ସେମାନଙ୍କ କୋଲାର୍‌ରେ ସ୍ଥାନ ପାଇବ। ରଙ୍ଗଭେଦ ବିବାଦର ବିରୋଧ କରିବାକୁ ଯାଇ ସେମାନେ ଏହି ଲୋଗୋ ପରିଧାନ କରିବେ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଇଣ୍ଡିଜ୍ ଦଳର ଅଧିନାୟକ ଜେସନ୍ ହୋଲ୍‌ଡର୍ କହିଛନ୍ତି ଯେ କ୍ରିକେଟ୍‌ରେ ରଙ୍ଗଭେଦ ବିବାଦ ଜାରି ରହିଥିବା ବେଳେ ଏହାକୁ ବିରୋଧ କରିବା ଆମର ଧର୍ମ ଓ ଆମେ କୃଷ୍ଣକାୟ କ୍ରିକେଟରଙ୍କ ସହ ଛିଡ଼ା ହେବା ଉଚିତ। ଏହାଛଡ଼ା ଏପରି ଏକ ହୀନମନ୍ୟତା ବିରୋଧରେ ବ୍ୟାପକ ମାତ୍ରାରେ ଜନସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ମଧ୍ୟ ରହିଛି ବୋଲି ହୋଲ୍‌ଡର୍ କହିଛନ୍ତି। କ୍ରୀଡ଼ା ଇତିହାସରେ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ। ବିଶେଷକରି କ୍ରିକେଟ୍ ଓ ଇଣ୍ଡିଜ୍ ଖେଳାଳିଙ୍କ ସକାଶେ ଏହା ଯଥେଷ୍ଟ ମହତ୍ତ୍ୱ ରଖେ ବୋଲି ହୋଲ୍‌ଡର୍ କହିଛନ୍ତି। ସୂଚନାଯୋଗ୍ୟ ଯେ ଆଇସିସି ସ୍ୱୀକୃତିପ୍ରାପ୍ତ ଏହି ଲୋଗୋର ଡିଜାଇନ୍ ଅଲିଶା ହୋସାନ୍ନାହ କରିଥିବା ବେଳେ ଚଳିତ ମାସ ପ୍ରାରମ୍ଭରେ ଆରମ୍ଭ ହୋଇଥିବା ପ୍ରିମିୟର୍ ଲିଗ୍ ଫୁଟବଲ୍‌ରେ ସାମିଲ୍ ଥିବା ସମସ୍ତ ଖେଳାଳିଙ୍କ ଶାର୍ଟରେ ଏହା ଦେଖିବାକୁ ମିଳିଛି।